## କୃଷି ସୂଚନା ସେବା (ଧାନ)

## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

**ନଭେମ୍ବର ୨୦୧୪ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଶତକଡା ୮୦ ଭାଗ ଧାନ କେଣ୍ଡାରେ ପାଚିଗଲା ପରେ କାଟି ଅମଳ କରିଦିଅନ୍ତୁ । ପ୍ରତ୍ୟେକ କିସମ ଅଲଗା ଅଲଗା ସଫା କରି ଧାନ ବସ୍ତାରେ ରଖନ୍ତୁ ।
- ଜଳସେଚିତ ମଧ୍ୟମ କିସମର ଜମିରେ ଧାନ କାଟିବା ପରେ ଆଳୁ, ସୂର୍ଯ୍ୟମୁଖୀ, ଚିନାବାଦାମ, ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।
- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ ସେଠାରେ ବିଭିନ୍ନ ଫସଲ ଯଥା ମଟର, ବିରି, ପେସି ଇତ୍ୟାଦି ପାଇରା/ଉତରା ଫସଲ ହିସାବରେ ଜମିରେ ବତର ଏବଂ ଧାନ ଥିବା ଅବସ୍ଥାରେ ବୁଣି ଦେବା ଦରକାର ।
- ଜମିରେ ପାଚିଲା ଧାନ ଅମଳ ନ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ଏହାକୁ ଦମନ କରିବା ପାଇଁ ମାଲାଥିଅନ୍ ଗୁଣ୍ଡ(୫%) ସିଞ୍ଚନ କରନ୍ତୁ ।
- ଲଘୁଚାପ ଜନିତ ବର୍ଷା ହେଲେ ଧାନର ଗଜା ରୋକିବା ପାଇଁ ୨% ଲୁଣ ଦ୍ରବଣ କଟାଯାଇଥିବା ଧାନରେ ସିଞ୍ଚନ କରନ୍ତୁ ।
- କୃଷକମାନଙ୍କୁ ଅନୁରୋଧ ଯେ ସେମାନେ ବିଭିନ୍ନ କିସମ ଧାନକୁ ଅଲଗା ଅମଳ କରି ସଫାକରି ଭଲଭାବରେ ଶୁଖାଇ ଭିନ୍ନ ଭିନ୍ନ ବସ୍ତାରେ ରଖନ୍ତୁ । ଏହା ଦ୍ୱାରା ଏକ ମଛା ଧାନ ବଜାରରେ ବିକ୍ରି ଭଲ ଦାମ୍ ପାଇପାରିବେ ।

*****